# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**31st May - 2026**

**************************************

***Desk***

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । କାର୍ଯ୍ୟକ୍ରମର ଏହା ହେବ ୧୩୪ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ କାର୍ଯ୍ୟକ୍ରମାର ସିଧା ପ୍ରସାରଣ କରାଯିବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

***Desk***

# ଏସ୍.ଆଇ.ଆର୍.

ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଅଧିନରେ ଗତକାଲି ପ୍ରଥମ ଦିନରେ ୨ ଲକ୍ଷ ୫୯ ହଜାର ୧୬୬ ଜଣଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଛି । ବୁଥ୍‌ସ୍ତରୀୟ ଅଧିକାରୀ ଘରକୁ ଘର ବୁଲି ଭୋଟରଙ୍କ ତଥ୍ୟ ଯାଞ୍ଚ୍ କରୁଛନ୍ତି । ଇଚ୍ଛୁକ ଭୋଟର୍ ନିର୍ବାଚନ କମିଶନ୍‌ଙ୍କ ୱେବ୍‌ସାଇଟ୍ voters.eci.gov.inରୁ ଏହି ଫର୍ମ ଡାଉନ୍‌ଲୋଡ୍ କରି ପୂରଣ କରିବା ସହ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ହସ୍ତାନ୍ତର କରିପାରିବେ ବୋଲି କୁହାଯାଇଛି । ଏକ ସ୍ୱଚ୍ଛ ଏବଂ ସଠିକ୍ ଭୋଟର୍ ତାଲିକା ପ୍ରସ୍ତୁତି ନେଇ ସହଯୋଗ ପ୍ରଦାନ କରିବାକୁ ନିର୍ବାଚନ କମିଶନ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

***Desk***

# ମହାନଦୀ ଜଳବିବାଦ

ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ୍‌ରେ ଦାଖଲ ହୋଇଥିବା ପ୍ରସଙ୍ଗଗୁଡ଼ିକ ମଧ୍ୟରୁ ୧୨ଟିର ଉଭୟ ଓଡ଼ିଶା ଓ ଛତିଶଗଡ଼ ସହମତ ହୋଇଛନ୍ତି । ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଶୁଣାଣିପାଇଁ ଉଭୟ ରାଜ୍ୟ ପକ୍ଷରୁ ୧୫ଟି ପ୍ରସଙ୍ଗ ଦାଖଲ

କରାଯାଇଥିଲା । ଟ୍ରିବ୍ୟୁନାଲ୍‌ରେ ଏହି ପ୍ରସଙ୍ଗର ପରବର୍ତ୍ତୀ ଶୁଣାଣି ଆସନ୍ତା ୬ ତାରିଖକୁ ଧାର୍ଯ୍ୟ କରାଯାଇଥିବା ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

***Jajpur/R***

## ଧାନ ସଂଗ୍ରହ - ସମୀକ୍ଷା

ଯାଜପୁର ଜିଲ୍ଲାରେ ଖରିଫ୍ ଓ ରବିଧାନ ସଂଗ୍ରହ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୀମକ୍ଷା କରିଛନ୍ତି । ବୈଠକରେ ସାଧାରଣ ବଣ୍ଟନ ବ୍ୟବସ୍ଥା, ଖାଦ୍ୟ ସୁରକ୍ଷା ଯୋଜନା, ଇ-କେ.ୱାଇ.ସି. ପଦକ୍ଷେପ ଆଦି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଛି । ଜିଲ୍ଲାରୁ ୧ ଲକ୍ଷ ୧୫ ହଜାର ୫ ଶହ କୁଇଣ୍ଟାଲ୍ ରବିଧାନ ସଂଗ୍ରହପାଇଁ ଲକ୍ଷ୍ୟ ରଖାଯାଇଛି ।

***Nuapada/R***

## ହୋମିଓପ୍ୟାଥିକ୍ କଲେଜ

ନୂଆପଡ଼ା ଜିଲ୍ଲାରେ ନିର୍ମିତ ହେବାକୁ ଥିବା ହୋମିଓପ୍ୟାଥିକ୍ ମେଡିକାଲ୍ କଲେଜପାଇଁ ଜମି ଚିହ୍ନଟ ପ୍ରକ୍ରିୟା ସ୍ଥିତି ନେଇ ଏକ ସମୀକ୍ଷା ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆୟୁଷ୍ ଅଧୀନସ୍ଥ ସରକାରୀ ହୋମିଓପ୍ୟାଥି ଓ ଆୟୁର୍ବେଦିକ ଚିକିତ୍ସାଳୟଗୁଡ଼ିକରେ ସେବାପ୍ରଦାନ ଏବଂ ଉନ୍ନୟନମୂଳକ ପଦକ୍ଷେପର ସମୀକ୍ଷା କରାଯାଇଛି । ଜିଲ୍ଲାର ସମସ୍ତ ଆୟୁଷ୍ ସ୍ୱାସ୍ଥ୍ୟ ଓ କଲ୍ୟାଣ

କେନ୍ଦ୍ରଠାରେ ଆସନ୍ତାମାସ ୨୧ ତାରିଖ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ନେଇ କାର୍ଯ୍ୟକ୍ରମ ଉପରେ ବୈଠକରେ ଆଲୋଚନା ହୋଇଛି ।

***Desk***

# ଓ.ଜେ.ଏସ୍. ପ୍ରି-ଲିମ୍

ଓଡ଼ିଶା ଜୁଡ଼ିସିଆଲ୍ ସର୍ଭିସ - ଓ.ଜେ.ଏସ୍.ର ପ୍ରି-ଲିମ୍ ପରୀକ୍ଷା ଘୁଞ୍ଚାଇ ଦିଆଯାଇଛି । ନୂତନ ତାରିଖ ଧାର୍ଯ୍ୟ ପରେ ସୂଚନା ପ୍ରଦାନ କରାଯିବ ବୋଲି ଓଡ଼ିଶା ଲୋକସେବା ଆୟୋଗ - ଓ.ପି.ଏସ୍.ସି. ପକ୍ଷରୁ କୁହାଯାଇଛି । ପୂର୍ବରୁ ଏହି ପରୀକ୍ଷା ଜୁଲାଇ ମାସ ୫ ତାରିଖରେ ହେବାପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା । ଓ.ପି.ଏସ୍.ସି. ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ଗତକାଲି ପ୍ରକାଶ ପାଇଛି । ଏଥିସହ ଆବେଦନ ପ୍ରକ୍ରିୟାର ସମୟସୀମା ମଧ୍ୟ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି ।

***Puri/R***

# ରେଳବାଇ - ସମୀକ୍ଷା ବୈଠକ

ଆଗାମୀ ରଥଯାତ୍ରାପାଇଁ ରେଳବାଇର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କିତ ଏକ ସମୀକ୍ଷା ବୈଠକ ପୁରୀ ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରଥଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ଗମନାଗମନ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ

ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା ହୋଇଛି । ଜାରି ରହିଥିବା ପ୍ରକଳ୍ପକୁ ରଥଯାତ୍ରା ପୂର୍ବରୁ ଶେଷ କରିବାପାଇଁ ପ୍ରସ୍ତୁତି ଉପରେ ବୈଠକରେ ରେଳବାଇ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

***Nabarangpur/R***

# କଇଁଛ ଜବତ

ନବରଙ୍ଗପୁର ଜିଲ୍ଲା ଉମରକୋଟ୍ ବନଖଣ୍ଡ ଅନ୍ତର୍ଗତ ନାୟକଗୁଡ଼ା ଅଞ୍ଚଳରେ ବନ ବିଭାଗ ପକ୍ଷରୁ ୨୨ଟି କଇଁଛକୁ ଜବତ କରାଯାଇଛି । କଇଁଛଗୁଡ଼ିକୁ ବିକ୍ରିପାଇଁ ଚାଲାଣ କରାଯାଉଥିବାବେଳେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା ।

***Bhadrak/R***

# ମକ୍‌ଡ୍ରିଲ୍

ଭଦ୍ରକ ଜିଲ୍ଲା ଧାମରା ଅନ୍ତର୍ଗତ ୫ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଉପଯୋଗ ନେଇ ଏକ ମକ୍‌ଡ୍ରିଲ୍ ଗତକାଲି ଅନୁଷ୍ଠିତ ହୋଇଯାଇଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଧାରଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ନେଇ ଏହି ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲା ପ୍ରଶାସନ, ଅଙ୍ଗନୱାଡ଼ି, ସ୍ୱୟଂ ସହାୟକ ଗୋଷ୍ଠୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ ।

*Desk*

# ବିଶ୍ୱ ତମାଖୁ ବର୍ଜନ ଦିବସ

ତମାଖୁ ସେବନ ଏବଂ ସ୍ୱାସ୍ଥ୍ୟପ୍ରତି ଏହାର କୁ-ପ୍ରଭାବ ସମ୍ବନ୍ଧରେ ଜନ ସଚେତନ ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୧୯୮୮ ମସିହାରୁ ପାଳନ କରାଯାଉଥିବା ଏହି ଦିବସର ଚଳିତବର୍ଷର ବାର୍ତ୍ତା ରହିଛି **ନିଶାଦ୍ରବ୍ୟ ଓ ତମାଖୁ ଅଭ୍ୟାସକୁ ପ୍ରତିହତ କରିବା : ଆକର୍ଷଣର ପରଦାକୁ ଦୂରେଇ ଦେବା ।** ତମାଖୁରେ ୭ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଛି । ସେଥିମଧ୍ୟରୁ ୬୦ଟି ପଦାର୍ଥ କର୍କଟ ରୋଗ ସୃଷ୍ଟି କରିଥାଏ । ତମାଖୁ ସେବନ ଦ୍ୱାରା ଫୁସ୍‌ଫୁସ୍, ମୁଖଗହ୍ୱର ଏବଂ ଜିଭରେ କର୍କଟ ରୋଗ ହେବାର ଆଶଙ୍କା ରହିଥାଏ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି ।

*Desk*

# ଛତିଶା ନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗ ଓ ନୀତି ସବ୍-କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ନୀଳାଦ୍ରି ଭକ୍ତ ନିବାସଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ଅପରାହ୍ଣରେ ପ୍ରଥମେ ଛତିଶା ନିଯୋଗ ଓ ପରେ ସନ୍ଧ୍ୟାରେ ନୀତି ସବ୍-କମିଟି ବୈଠକ କରାଯିବ ।

ବୈଠକରେ ଆଗାମୀ ରାଜେନ୍ଦ୍ରାଭିଷେକ, ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ାଯାତ୍ରା ନୀଳାଦ୍ରି ବିଜେ ଓ ଅନ୍ୟ ସମସ୍ତ ନୀତି ନିର୍ଘଣ୍ଟ ଉପରେ ଆଲୋଚନା ଓ ଅନୁମୋଦନ କରାଯିବ ।

***Desk***

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୫ ଦିନ ମଧ୍ୟରେ କେରଳମ୍ ଏବଂ ତାମିଲନାଡୁର କେତେକ ଅଞ୍ଚଳ ସ୍ପର୍ଶ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ଅନ୍ୟପକ୍ଷରେ କାଳବୈଶାଖୀ ପ୍ରଭାବ ଯୋଗୁଁ ରାଜ୍ୟର କେତେକ ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ହ୍ରାସ ପାଇଛି । ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର କହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ଦିନ ତାପମାତ୍ରାରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି । ଗତକାଲି ଦିନର ସର୍ବୋଚ୍ଚ ତାପମାତ୍ରା ୪୧ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ୍ ସମ୍ବଲପୁରଠାରେ ରେକର୍ଡ଼ କରାଯାଇଛି ।

*****